REGIONAL NEWS UNIT, AIR CUTTACK

Mid-day Bulletin (2.32PM)

5 November – 2026

****

ମୁଖ୍ୟ ସମ୍ବାଦ

- ବାତ୍ୟା 'ଓର୍ଣ୍ଣବ' ଓ ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ ପାଇଁ ଓଡ଼ିଶା ଆସିଥିବା କେନ୍ଦ୍ରୀୟ ଦଳ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

– ପ୍ରଭାବିତ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲା ପାଇଁ ୨ ହଜାର ୫୨୬ କୋଟି ଟଙ୍କାର ସହାୟତା ରାଶି ମାଗିଲେ ସରକାର

- ନୂଆଦିଲ୍ଲୀରେ ଆଜି ଏସିଆନ୍ ପାରାକ୍ରୀଡ଼ା ପ୍ରତିଯୋଗିତା-୨୦୨୬ରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ସଦସ୍ୟଙ୍କ ସହ ମତବିନିମୟ କରିବେ ପ୍ରଧାନମନ୍ତ୍ରୀ

- ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ନବୀକରଣ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

BBSR/R

ଓର୍ଣ୍ଣବ କ୍ଷୟକ୍ଷତି ଆକଳନ

ବାତ୍ୟା ‘ଓର୍ଣ୍ଣବ’ ଓ ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ ପାଇଁ ଓଡ଼ିଶା ଆସିଥିବା ୮ ଜଣିଆ ଅନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଲୋକସେବା ଭବନରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ରାଜ୍ୟରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। କେନ୍ଦ୍ରୀୟ ଦଳ ତାଙ୍କ ରିପୋର୍ଟରେ ତତ୍କାଳ ରିଲିଫ ଓ ପୁନଃନିର୍ମାଣ ପାଇଁ ସହାୟତା ସହିତ ଏହାର ସ୍ଥାୟୀ ପ୍ରତିକାର ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।

ପୂର୍ବରୁ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ଦଳଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୩ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଓଡ଼ିଶା ପକ୍ଷରୁ ପ୍ରାଥମିକ ରିପୋର୍ଟ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ୨ ହଜାର ୫୨୬ କୋଟି ଟଙ୍କାର କ୍ଷତି ଦର୍ଶାଇବା ସହ ସହାୟତା ରାଶି ଦାବି କରିଛନ୍ତି। ବୈଠକ ପରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ

ପ୍ରଭାକର ପାଟିଲ କହିଛନ୍ତି, ବାତ୍ୟା ଓ ବନ୍ୟା ଦ୍ୱାରା ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ଜଳସେଚନ ପ୍ରକଳ୍ପ, ନଦୀବନ୍ଧ ଓ ରାସ୍ତାଘାଟର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାର ମରାମତି ସହ ଏକ ସୁଦୃଢ଼ ତଥା ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ପୁନଃନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ୧୦ ହଜାର କୋଟି ଟଙ୍କାର ସହାୟତା ଦାବି ମଧ୍ୟ ରଖାଯାଇଛି ବୋଲି ଶ୍ରୀ ପାଟିଲ କହିଛନ୍ତି।

- V/O -

ସୂଚନାଯୋଗ୍ୟ, ଗତ ଦୁଇ ଦିନ ଧରି କ୍ଷତିଗ୍ରସ୍ତ ଗଞ୍ଜାମ ଓ ଗଜପତି ଜିଲ୍ଲା ବୁଲି ଦେଖିବାପରେ ଆଜି ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରୀୟ ଦଳ ଆଲୋଚନା କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ, ବିଭିନ୍ନ ବିଭାଗର ସଚିବ, ରାଜ୍ୟ ଅଗ୍ନିଶମ ଡିଜି ଏବଂ ବରିଷ୍ଠ ପଦାଧିକାରୀ, କେନ୍ଦ୍ରୀୟ ଟିମ ମୁଖ୍ୟ ତଥା କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

Desk

ପିଏମ୍ ଏସିଆନ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆଜି ଏସିଆନ୍ ପାରା କ୍ରୀଡ଼ା ପ୍ରତିଯୋଗିତା ୨୦୨୬ରେ

ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ସଦସ୍ୟଙ୍କ ସହ ଭାବ ବିନିମୟ କରିବେ । ଏହି ଅବସରରେ ସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଜାପାନର ଆଇଚି ନାଗୋୟାଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ ସର୍ବୋତ୍କୃଷ୍ଟ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଛି । ୯୭ଜଣ ପାରା କ୍ରୀଡ଼ାବିତ୍ ୧୧୪ଟି ପଦକ ହାସଲ କରିଛନ୍ତି । ସେଥିରେ ୩୦ଟି ସ୍ୱର୍ଣ୍ଣ, ୩୫ଟି ରୌପ୍ୟ ଏବଂ ୪୯ଟି କାଂସ୍ୟ ପଦକ ରହିଛି । ଏହି କାର୍ଯ୍ୟକ୍ରମରେ ପଦକ ବିଜେତାଙ୍କ ସମେତ ପ୍ରଶିକ୍ଷକ, ଭାରତୀୟ ପାରା ଅଲମ୍ପିକ୍ସ କମିଟି ସଦସ୍ୟ, ଭାରତୀୟ ଅଲମ୍ପିକ ସଂଘର ଅଧିକାରୀ, ଜାତୀୟ କ୍ରୀଡ଼ା ସଂଘର ପ୍ରତିନିଧି ଓ ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧିକାରୀ ଅଂଶଗ୍ରହଣ କରିବେ ।

Desk

ଇସିଆଇ-ଏସ୍ଏସ୍ଆର୍

ଓଡ଼ିଶା ସମେତ ଅନ୍ୟ କେତୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ନିର୍ଦ୍ଧାରିତ ସଂଶୋଧନ ଏସ୍.ଏସ୍.ଆର୍ ଅଭିଯାନ କାର୍ଯ୍ୟକାରୀ ପାଇଁ ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ଆସନ୍ତା ଜାନୁଆରୀ ପହିଲାକୁ ଏଥିପାଇଁ ଯୋଗ୍ୟତା ତାରିଖ ଭାବେ ନିର୍ଦ୍ଧାରଣ କରାଯାଇଛି । ନିର୍ବାଚନ କମିଶନ ଦେଇଥିବା ସୂଚନା ଅନୁଯାୟୀ ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକର ପୁନଃ ବ୍ୟବସ୍ଥିତ ପ୍ରକ୍ରିୟା ଆସନ୍ତା ୨୦ ତାରିଖ ସୁଦ୍ଧା ସମାପ୍ତ କରିବା ପାଇଁ ସମୟଧାର୍ଯ୍ୟ କରାଯାଇଛି । ସମନ୍ୱିତ ଚିଠା

ଭୋଟର ତାଲିକା ଆସନ୍ତା ୩୦ ତାରିଖରେ ପ୍ରକାଶ ପାଇବ । ଏ ସଂକ୍ରାନ୍ତ ଦାବି ଏବଂ ଆପତ୍ତି ଆସନ୍ତା ୩୦ରୁ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଆସନ୍ତା ଜାନୁଆରୀ ୧୮ ତାରିଖ ସୁଦ୍ଧା ଦାବି ଏବଂ ଆପତ୍ତିଗୁଡ଼ିକ ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ । ଜାନୁଆରୀ ୨୧ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

HS

ନାକ୍ ମାନ୍ୟତା

ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟର ଜାତୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦ– ନାକ୍’ ମାନ୍ୟତା ନବୀକରଣ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଶ୍ୱବିଦ୍ୟାଳୟଗୁଡ଼ିକର ନବୀକରଣ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାନ୍ୟତା ନବୀକରଣ ପ୍ରକ୍ରିୟାରେ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ଶ୍ରୀ ସୂରଜ କହିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସହ ଉଚ୍ଚଶିକ୍ଷା ବିଭାଗ ଯୋଗାଯୋଗରେ ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧିକୁ ଗୁରୁତ୍ୱ ଦେଇ ସରକାର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ସହ ୧୪ ଶହରୁ ଅଧିକ ପ୍ରଧାପକ ଓ ସହକାରୀ ପ୍ରଧାପକ ପଦବୀ ପୂରଣ ପାଇଁ ସାକ୍ଷାତକାର ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

Desk

ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଭାରତ ନବୀକରଣୀୟ ଶକ୍ତି ସମ୍ମିଳନୀ ଏବଂ ପ୍ରଦର୍ଶନୀ -୨୦୨୬ରେ ଯୋଗଦେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ପହଁଞ୍ଚିବାପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ମିଳନୀରେ ଓଡ଼ିଶା ପକ୍ଷରୁ ପ୍ରାୟ ୧ ଲକ୍ଷ ୧୭ ହଜାର ୫୦୦ କୋଟିର ସମ୍ଭାବ୍ୟ ନିବେଶ ସହ ୧୧ ହଜାର ୭୪୨ ମେଗାୱାଟ ଅକ୍ଷୟଶକ୍ତି କ୍ଷମତା ବୃଦ୍ଧି ଲକ୍ଷ୍ୟ ନେଇ ୧୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିଗୁଡ଼ିକ ଓଡ଼ିଶା ପ୍ରତି ନିବେଶକଙ୍କ ବଢୁଥିବା ଆସ୍ଥାର ପ୍ରତିଫଳନ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହାଦ୍ୱାରା ରାଜ୍ୟର ଅକ୍ଷୟଶକ୍ତି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବା ସହ ବିପୁଳ ନିଯୁକ୍ତି ସମ୍ଭାବନା ଉନ୍ମୁକ୍ତ ହେବ। ଏଥିସହ ବିକଶିତ ଭାରତର ସଂକଳ୍ପ ପୂରଣ କରିବା ଦିଗରେ ଓଡ଼ିଶାର ଯୋଗଦାନ ଅଧିକ ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

Koraput

କୋଟିଆ ନିର୍ବାଚନ

କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ସୀମାନ୍ତ କୋଟିଆ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଆନ୍ଧ୍ରପ୍ରଦେଶରେ ପଞ୍ଚାୟତ ନିର୍ବାଚନକୁ ନେଇ ଆଇନଶୃଙ୍ଖଳା ବଜାୟ ରଖିବା ସହ ସ୍ଥିତି ଉପରେ

ନଜର ରଖିବା ପାଇଁ ବରିଷ୍ଠ ପୁଲିସ ପ୍ରଶାସନିକ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ କୋଟିଆର ବିଭିନ୍ନ ଗ୍ରାମରେ ୧୫ ପ୍ଲାଟୁନ ସୁରକ୍ଷାବଳ ମୁତୟନ କରାଯାଇ ୨୩ଟି ଗ୍ରାମରେ ବି.ଏନ୍.ଏସ୍.ଏସ୍.ର ଧାରା ୧୬୩ ଲାଗୁ କରାଯାଇଛି। ଏହି ସବୁ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରାଯାଉଥିବାବେଳେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଜଣାପଡ଼ିଛି।

Desk

ଆଇଏଏସ୍ ଅଧିକାରୀ ଅଦଳବଦଳ

ରାଜ୍ୟ ସରକାର ପ୍ରଶାସନିକସ୍ତରରେ ଅଦଳବଦଳ କରି ୪ ଜଣ ଆଇ.ଏ.ଏସ୍. ଅଧିକାରୀଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଆଇ.ଏ.ଏସ୍. ବିଷ୍ଣୁପଦ ସେଠୀଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓ.ଏସ୍.ଡି. ଦାୟିତ୍ୱ, କେନ୍ଦ୍ରୀୟ ଡେପୁଟେସନ୍‌ରୁ ଫେରିବା ପରେ ରୂପା ମିଶ୍ରଙ୍କୁ ପଞ୍ଚାୟତି ଓ ପାନୀୟଜଳ ବିଭାଗ ସଚିବ, ଗିରିଶ ଏସ୍ ଏନ୍‌ଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ, ଅଶ୍ୱତି ଏସ୍’ଙ୍କୁ ରାଜ୍ୟ ପରିବର୍ତ୍ତନଶୀଳ ପଦକ୍ଷେପ ପ୍ରତିଷ୍ଠାନ- ଏସ୍.ଆଇ.ଟି.ଆଇ. ଓଡ଼ିଶା’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ଦାୟିତ୍ୱ ଦିଆଯାଇଛି।

Ganjam

ଶିଶୁ ଅଧିକାର ଆୟୋଗ

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଗଞ୍ଜାମ ଜିଲ୍ଲା ଗସ୍ତ କରି ସାନଖେମୁଣ୍ଡି, ସେରଗଡ଼, ଧରାକୋଟ ବ୍ଲକର

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗସ୍ତ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ଓ ଶିଶୁମାନଙ୍କ ପାଇଁ ଉପଲବ୍ଧ ସ୍ୱାସ୍ଥ୍ୟସେବା ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଶ୍ରୀମତୀ ପାତ୍ର ସମୀକ୍ଷା କରିଛନ୍ତି। ବିପର୍ଯ୍ୟୟ ସମୟରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଉତ୍ତମ ଚିକିତ୍ସା ସେବା ଓ ଯତ୍ନନେବା କର୍ତ୍ତବ୍ୟ ବୋଲି ସେ କହିଛନ୍ତି।

Bhadrak

ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଭଦ୍ରକ ଜିଲ୍ଲା ତିହିଡ଼ି ପଞ୍ଚାୟତ ସମିତି ନୀଳମଣି ସଭାକକ୍ଷରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତିହିଡ଼ି ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଗୃହନିର୍ମାଣ, ପାନୀୟଜଳ ଏବଂ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରି ଯଥା ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Desk

ହକି

ପଞ୍ଜାବରେ ଚାଲିଥିବା ଏସୀୟ ପୁରୁଷ ଚାମ୍ପିୟନସିପ୍ ହକି ଟୁର୍ଣ୍ଣାମେଣ୍ଟ ଆଜି ସନ୍ଧ୍ୟାରେ ଭାରତ ଓ ଜାପାନ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ । ସେମିଫାଇନାଲରେ ଗତକାଲି ଭାରତ’ ଦକ୍ଷିଣ କୋରିଆକୁ ୮-୧ ଗୋଲରେ ପରାସ୍ତ କରିଥିଲା ।

Desk

ପାଣିପାଗ

ବାତ୍ୟା ମୁରାସୁ ଲଘୁଚାପରେ ପରିଣତ ହୋଇଛି । ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

Desk

+୨ ନାମଲେଖା-ଚୟନ ପ୍ରକ୍ରିୟା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ନାମଲେଖାର ତୃତୀୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟାରେ ୧୦ହଜାର ୧୫୮ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ଏହି ପର୍ଯ୍ୟାୟରେ ମୋଟ୍ ୧୦ହଜାର ୫୦୨ଜଣ ଆବେଦନ କରିଥିଲେ । କଳାବିଭାଗରେ ସର୍ବାଧିକ ୬ହଜାର ୯୮ଜଣ, ବିଜ୍ଞାନରେ ୨ହଜାର ୩୮୪, ସଂସ୍କୃତରେ ୧ହଜାର, ବାଣିଜ୍ୟରେ ୫୦୬ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୭୦ଜଣ ମନୋନୀତ ହୋଇଛନ୍ତି ।